# ODM PUBLIC SCHOOL

**SESSION : 1**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER:6**
**CHAPTER NAME: ମାନିଆରୁ ମାଡାମ କ୍ୟୁରୀ**
**SUBTOPIC :ଉପକ୍ରମ,ପଠନକ୍ରିୟା,ଲେଖକ ପରିଚୟ**



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ପଠନକ୍ରିୟାମାଧ୍ୟମରେରେ ଲବ୍ଧଜ୍ଞାନ ।

# ମାନିଆରୁ ମାଡାମ୍ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ଶୈଳେଶ ଚନ୍ଦ୍ର ପଟ୍ଟନାୟକ



ଅନ୍ଧାର ରାତିରେ ଟେବୁଲ ଉପରେ ଥୁଆ ହୋଇଥିବା ଗୋଟିଏ ହାତବନ୍ଧା ଘଡ଼ିକୁ ଲକ୍ଷ୍ୟ କର । ତୁମେ ଦେଖିବ, ଏହାର ଘଣ୍ଟା କଣ୍ଟା, ମିନିଟ୍ କଣ୍ଟା ଓ ଏଥିରେ ଲେଖାଯାଇଥିବା ଅଙ୍କଗୁଡ଼ିକ ଖଦ୍ୟୋତର ଆଲୁଅ ଭଳି ଚିକ୍‌ଚିକ୍ କରୁଛି । ଏହାଦ୍ୱାରା ବିନା ଆଲୁଅରେ ମଧ୍ୟ ତୁମେ ଘଣ୍ଟା ଦେଖି ସମୟ କହିପାରିବ । କେଡ଼େ ମଜା ସତେ ! ଦିନବେଳେ ଏହି ଚିକ୍-ଚିକ୍ କରୁଥିବା ପଦାର୍ଥର ରଙ୍ଗ ଈଷତ୍ ସବୁଜ ଦେଖାଯାଏ । କେବଳ ହାତଘଣ୍ଟା କାହିଁକି, କାନ୍ଥ ଘଣ୍ଟା ଓ ଟେବୁଲ ଘଣ୍ଟାର କଣ୍ଟା ଏବଂ ତାହାର ଅଙ୍କଗୁଡ଼ିକ ମଧ୍ୟ ଅନ୍ଧାରରେ ଚିକ୍‌ଚିକ୍ କରେ । ଏହି ଈଷତ୍ ସବୁଜ ରଙ୍ଗର ପଦାର୍ଥଟି ହେଉଛି 'ରେଡିୟମ୍' ।

ରେଡିୟମ୍ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ୍ ଓ ତେଜସ୍କ୍ରିୟ ଧାତବ ପଦାର୍ଥ । ଏହାକୁ ଆବିଷ୍କାର କରିଥିଲେ ମାଡାମ୍ କ୍ୟୁରୀ ନାମକ ଜଣେ ମହୀୟସୀ ମହିଳା ଓ ତାଙ୍କ ସ୍ୱାମୀ ପେରି କ୍ୟୁରୀ । ଏଥିପାଇଁ ସେ ଦୁହିଁଙ୍କୁ କମ୍ ଶ୍ରମ, ସାଧନା ଓ ତ୍ୟାଗ କରିବାକୁ ପଡ଼ି ନ ଥିଲା । ସେହି ଶ୍ରମ ଓ ସାଧନାର ଅମୃତ ଫଳ ଆଜି ସମଗ୍ର ଜଗତ ଭୋଗ କରୁଛି । ଏହି ଆବିଷ୍କାର ନିମନ୍ତେ ସେ ଦୁହିଁଙ୍କୁ ୧୯୦୩ ମସିହାରେ ନୋବେଲ୍ ପୁରସ୍କାର ପ୍ରଦାନ କରଯାଇଥିଲା ।

୧୮୬୭ ମସିହା ନଭେମ୍ବର ୭ ତାରିଖରେ ମାଡାମ୍ କ୍ୟୁରୀଙ୍କର ଜନ୍ମ । ପିଲାଦିନେ ତାଙ୍କ ନାଆଁ ଥିଲା ମେରୀ । ପିତା ମାତା ଶ୍ରଦ୍ଧାରେ ଡାକୁଥିଲେ ମାନିଆ । ତାଙ୍କର ଆଉ ଚାରୋଟି ଭାଇ ଭଉଣୀ ଥିଲେ । ସେମାନେ ସମସ୍ତେ ଥିଲେ ପୋଲାଣ୍ଡ ଦେଶର ଅଧିବାସୀ । ପୋଲାଣ୍ଡ ସେତେବେଳେ ରୁଷ ଅଧୀନରେ ଥିଲା । ମାନିଆର ବାପା ପୋଲାଣ୍ଡର ଭରସଉ ସହରର ଗୋଟିଏ ମାଧ୍ୟମିକ ବିଦ୍ୟାଳୟରେ ଜଣେ ବିଜ୍ଞାନ ଓ ଗଣିତ ଶିକ୍ଷକରୂପେ

ODM EDUCATIONAL GROUP
Changing your Tomorrow



ନିଯୁକ୍ତ ହୋଇଥିଲେ । ତାଙ୍କ ମାଆ ମଧ୍ୟ ଥିଲେ ଶିକ୍ଷିତା । ସେ ଅନ୍ୟ ଏକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଥିଲେ ।

କିଛି ଦିନ ପରେ ମାଆ ଯକ୍ଷ୍ମା ରୋଗରେ ପୀଡ଼ିତା ହୋଇ ଚାକିରି ଛାଡ଼ିଲେ । ବାପାଙ୍କର ସ୍ୱଳ୍ପ ଆୟରେ ପରିବାରଟି କଷ୍ଟେମଷ୍ଟେ ଚଳିଲା । ଘରକାମ, ରନ୍ଧାବଢ଼ା ଓ ମାଆଙ୍କର ସେବାରେ ମାନିଆଙ୍କର ବହୁ ସମୟ ଗଲା । ତଥାପି ସେ ସମୟ ସଞ୍ଚୟ କରି ପାଠ ପଢୁଥା'ନ୍ତି । କାରଣ ପାଠପଢ଼ାରେ ତାଙ୍କର ଭାରି ମନ ।

ମାନିଆଙ୍କର ସ୍ମୃତିଶକ୍ତି ଥିଲା ଅସାଧାରଣ । ସେ କୌଣସି କବିତାକୁ ଦୁଇଥର ପଢ଼ିଦେଲେ ଆମୂଳଚୂଳ ମନେରଖି ନିର୍ଭୁଲଭାବେ ଆବୃତ୍ତି କରିପାରୁଥିଲେ । ସେ ବହି ଖଣ୍ଡିଏ ପଢ଼ିବାବେଳେ ସେଥିରେ ଏଭଳି ମଜ୍ଜି ଯାଉଥିଲେ ଯେ, ତାଙ୍କ ଚାରିପଟେ କଅଣ ଘଟୁଛି, ସେ କଥା ସେ ଜାଣିପାରୁ ନ ଥିଲେ ।

ତାଙ୍କର ଅନ୍ୟ ଭାଇଭଉଣୀମାନେ ନାଚିକୁଦି ଡେଇଁ ଘର କମ୍ପାଉଥିବାବେଳେ ସେ ଏକାଗ୍ର ଭାବରେ ଗୋଟିଏ ସ୍ଥାନରେ ବସି ପଢୁଥିଲେ ।

ଦିନକର ଘଟଣା । ମାନିଆ ତାଙ୍କ ଛୋଟ ଘରଟିରେ ବସି ଗୋଟିଏ ବହି ପଢୁଛନ୍ତି । ବହିର ପୃଷ୍ଠା ବ୍ୟତୀତ ଅନ୍ୟ କୌଣସିରେ ଧ୍ୟାନ ନାହିଁ । ତାଙ୍କ ଭାଇଭଉଣୀମାନେ କୌତୁକ ଦେଖିବା ପାଇଁ ତାଙ୍କ ଚାରିପଟେ ଓ ତାଙ୍କ ମୁଣ୍ଡ ଉପରେ ଘରର ସବୁ ଚୌକି ଆଣି ପାହାଡ଼ଭଳି ସଜାଇ ଦେଲେ । ତଥାପି ମାନିଆଙ୍କର ସେଥିପ୍ରତି ନଜର ନାହିଁ । ଅଧଘଣ୍ଟା ପରେ ବହିଟି ପଢ଼ିସାରି ସେ ମୁଣ୍ଡ ଉଠାଇବା ବେଳକୁ ଚଉକିଗୁଡ଼ିକ ହୁଲ୍‌ଦାଲ୍ ପଡ଼ିଗଲା । ଭାଇଭଉଣୀମାନେ ସମସ୍ତେ ହସିଲେ, ତାଙ୍କ ସହିତ ମାନିଆ ମଧ୍ୟ ହସି ପକାଇଲେ ।

ମାନିଆଙ୍କୁ ଯେତେବେଳେ ମାତ୍ର ଦଶବର୍ଷ, ମାଆ ଇହଧାମ ତ୍ୟାଗ କରିଥିଲେ । ଦୁଇ ବର୍ଷ ପୂର୍ବରୁ ଟାଇଫଏଡ ରୋଗରେ ତାଙ୍କ ସବା ବଡ଼ ଭଉଣୀ ଯୋସିଆର ମୃତ୍ୟୁ ହୋଇଥିଲା । ଘର କାମର ଦାୟିତ୍ୱ ଏଣିକି ବଢ଼ିଗଲା । ତଥାପି ସେ ପଢୁଥା'ନ୍ତି । ସେ ପଢ଼ିଲେ ଯେ ପଢ଼ିଲେ । ସ୍କୁଲର ପଢ଼ା ବହି ତାଙ୍କୁ ଅଣ୍ଟିଲା ନାହିଁ । ଉପର ଶ୍ରେଣୀରେ ପଢୁଥିବା ବଡ଼ଭଉଣୀ ବ୍ରନିଆର ବହି ପଢ଼ି ସେ ଶେଷ କରିଦେଲେ । ତା' ପରେ ବାପାଙ୍କ ଆଲମାରି ଥାକରୁ ଖଣ୍ଡଖଣ୍ଡ ବହି କାଢ଼ି ପଢ଼ି ପକାଇଲେ । ଶ୍ରେଣୀରେ ତାଙ୍କ ସ୍ଥାନ ସବୁବେଳେ ପ୍ରଥମ । ଶେଷ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସେ ସ୍ୱର୍ଣ୍ଣପଦକ ଲାଭ କଲେ । ଏହି ଗୌରବରେ ପିତାଙ୍କର ହୃଦୟ ଫୁଲିଉଠିଲା । ସେ କହିଲେ, "ହାୟ, ! ଦୁଃଖିନୀ କନ୍ୟାର ଏହି ଗୌରବ ଦେଖିବାକୁ ଆଜି ତା'ର ସ୍ନେହମୟୀ ମାତା ଥାଆନ୍ତେ କି !"



ମାନିଆଙ୍କର କଲେଜରେ ପଢ଼ିବାପାଇଁ ପ୍ରବଳ ଇଚ୍ଛା । ଝିଅମାନଙ୍କର ଉଚ୍ଚଶିକ୍ଷା ପାଇଁ ସେତେବେଳେ ପରାଧୀନ ପୋଲାଣ୍ଡରେ କୌଣସି ବ୍ୟବସ୍ଥା ନ ଥାଏ । ସେଥିପାଇଁ ଫ୍ରାନ୍‌ସର ପ୍ୟାରିସ୍ ନଗରକୁ ଯିବାକୁ ହେବ । ଅର୍ଥାଭାବ ଓ ଦାରିଦ୍ର୍ୟ ତାଙ୍କ ଆଗରେ ଏକ ବିରାଟ ପାହାଡ଼ଭଳି ଠିଆ ହେଲା । ବାପା ଚାକିରିରୁ ଅବସର ନେଲେଣି, ବଡ଼ ଭଉଣୀ ବ୍ରନିଆ ବିବାହ କରି ଚାଲିଗଲେଣି । ମାନିଆ କେତେକ ଧନୀ ଲୋକଙ୍କ ଘରେ ଟିଉସନ୍ କରି କିଛି ଅର୍ଥ ରୋଜଗାର କଲେ । ଦିନେ ସେ ସାମାନ୍ୟ ସଞ୍ଚିତ ଅର୍ଥ ଧରି ପିତାଙ୍କଠାରୁ ବିଦାୟ ନେଇ ପ୍ୟାରିସ୍ ଚାଲିଗଲେ । ସେଠାରେ ସେ ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ନାମ ଲେଖାଇଲେ ।

ମାନିଆର ବାପା ଅତି ଅଭାବରେ ଦିନ କାଟୁଥାଆନ୍ତି, ତଥାପି ନିଜ ଖର୍ଚ୍ଚରୁ କାଟି ଝିଅ ପାଇଁ ମାସକୁ ମାସ କିଛି ଟଙ୍କା ପଠାଉଥାନ୍ତି; କିନ୍ତୁ ବାପାଙ୍କର ଦାରିଦ୍ର୍ୟଠାରୁ ଝିଅର ଦାରିଦ୍ର୍ୟ ଅଧିକ । ରାତିରେ ଆଲୁଅ ଜାଳିବା ପାଇଁ ପାଖରେ ପଇସା ନ ଥାଏ । ଭଲ ପୋଷାକପତ୍ର, ଖାତାବହି ତ ଦୂରର କଥା । ପ୍ୟାରିସ୍‌ରେ ଶୀତ ଦିନେ ପ୍ରବଳ ଥଣ୍ଡା । ଦେହ ହାତ ଅବଶ ହୋଇଯାଏ । ନିଜ ପାଖରେ ଥିବା ସମସ୍ତ ଲୁଗାପଟାକୁ ଦେହରେ ଘୋଡ଼ାଇ ଶୋଇଲେ ମଧ୍ୟ ଶୀତ ବାଉରୁ ରକ୍ଷା ମିଳେନି । ଶେଷରେ ସେ କାଠର ଚଉକିଟାକୁ ଟାଣିଆଣି ନିଜ ଉପରେ ଲଦି ଦିଅନ୍ତି । ସତେ ଯେପରି ଉତ୍କଟ ଦାରିଦ୍ର୍ୟ ମହାବଳ ବାଘ ଭଳି ପଞ୍ଝା ଖୋଲି ଶୀତ ରୂପରେ ତାଙ୍କୁ ମାଡ଼ିବସେ । ଦାରିଦ୍ର୍ୟବଶତଃ ଦିନେଦିନେ ସେ ଉପବାସ ରହିଯାଆନ୍ତି । ଆଉ କେଉଁ ଦିନ ଖଣ୍ଡେ ପାଉଁରୁଟି ଓ ସାମାନ୍ୟ ଟିକିଏ ଲହୁଣି ଖାଇ ଚଳାଇ ଦିଅନ୍ତି । ରନ୍ଧା ଖାଦ୍ୟ ତାଙ୍କ ଭାଗ୍ୟରେ ପ୍ରାୟ ଜୁଟେ ନାହିଁ ।



ODM EDUCATIONAL GROUP
Changing your Tomorrow

# ଲେଖକ ପରିଚୟ

ଶ୍ରୀ ଶୈଳେଶ ଚନ୍ଦ୍ର ପଟ୍ଟନାୟକ ଓଡ଼ିଆ ଭାଷା ସାହିତ୍ୟ ଜଗତରେ ଏକ ଅମ୍ଳାନ ପ୍ରତିଭା । ସେ ଜଣେ ଶିଶୁ ସାହିତ୍ୟିକ ଭାବରେ ସମଗ୍ର ଓଡ଼ିଶାରେ ବେଶ୍ ପରିଚିତ । ୧୯୩୫ ମସିହା ଡିସେମ୍ବର ମାସ ୯ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । 'କଥାପରି କଥା ପଦେ','ନିଶ୍ଚଳ ନୂପୁର'ତାଙ୍କ ଦ୍ୱାରା ରଚିତ ଗଳ୍ପଗ୍ରନ୍ଥ । 'ତୁମେ ଆମେ ସେମାନେ'ତାଙ୍କ ରଚିତ ଏକ ନାଟକ । ତାଙ୍କର ଶିଶୁ ଉପଯୋଗୀ ବହୁ ରଚନା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।

# ଗୃହକର୍ମ

ବିଷୟଟିକୁ ଘରେ ଭଲ ଭାବରେ ପଢ ।

# LEARNING OUTCOME:

ସ୍ପଷ୍ଟ ଓ ନିର୍ଭୁଲ ପଠନକ୍ରିୟା ।

# THANKING YOU

# ODM EDUCATIONAL GROUP